ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/AgFE (Od)/1217/09-11-2023**

# ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ
# ଗପ ଶୁଣିବାର ମଜାନେଲେ ପିଲାଏ

ଭୁବନେଶ୍ୱର, ୦୯/୧୧/୨୦୨୩

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତୀୟ ପୁଷ୍ଟିଶସ୍ୟ ସମ୍ମିଳନୀରେ ଆଜି ପ୍ରଥମ ଦିନ ଅନ୍ୟତମ ଆକର୍ଷଣ ଥିଲା ଗଳ୍ପକଥନ କାର୍ଯ୍ୟକ୍ରମ । ଏଥିରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଗପ ଶୁଣିଥିଲେ ଓ ଭରପୂର ମଜା ନେଇଥିଲେ । ଆନ୍ତର୍ଜାତିକ ମିଲେଟସ ବର୍ଷ ୨୦୨୩ ଅବସରରେ ଆୟୋଜିତ ଏହି ସମ୍ମିଳନୀରେ ପିଲାମାନେ ଅଂଶଗ୍ରହଣ କରି ଆନନ୍ଦଉତ୍ସାହର ସହିତ ସମ୍ମିଳନୀର ବିଭିନ୍ନ ଷ୍ଟଲ ବୁଲିଥିଲେ ଓ ଏକ୍ସପେରିମେଣ୍ଟ ସେଣ୍ଟରରେ ମତବିନିମୟ କରିଥିଲେ ।

ଚନ୍ଦ୍ରଶେଖରପୁର ଡିଏଭି, ୟୁନିଟ୍-୮ ଡିଏଭି, ସାଇ ଇଣ୍ଟରନ୍ୟାସନାଲ୍, ଓଡ଼ିଶା ଆର୍ମଡ୍ ପୁଲିସ୍ ବାଟାଲିୟନ୍ ଓ ମଦର୍ସ ପବ୍ଲିକ୍ ସ୍କୁଲ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୫୦ରୁ ଅଧିକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରସିଦ୍ଧ କାହାଣୀକାର ନୂପୁର ଅଗ୍ରୱାଲ ଓ ପ୍ରାଚୀତାରା ଅନନ୍ୟ ଢଙ୍ଗରେ ଗପ ଶୁଣାଇଥିଲେ । କଣ୍ଠେଇ ତଥା ବାଦ୍ୟଯନ୍ତ୍ରର ଉପଯୋଗ କ୍ରମେ ଛାତ୍ରଛାତ୍ରୀମାନଙ୍କୁ ସାମିଲ କରି ଦୁଇ କାହାଣୀକାର ଏକ ଚମତ୍କାର ପରିବେଶ ସୃଷ୍ଟି କରିଥିଲେ । ବିଶ୍ୱବିଖ୍ୟାତ ବ୍ୟଞ୍ଜନ ବିଶେଷଜ୍ଞ ବିକାଶ ଖାନ୍ନା କାର୍ଯ୍ୟକ୍ରମରେ ଯୋଗଦେଇ ଯୁଗ୍‌ନୁ ନାମକ ବାଳକ ବିଷୟରେ ଗଳ୍ପ କହିଥିଲେ । 'ସମସ୍ତଙ୍କ ହୃଦୟରେ ଆଲୋକ ରହିଛି ଏବଂ ଆମେ କେବେହେଲେ କାହା ମଧ୍ୟରେ ଥିବା ଏହି ଆଲୋକକୁ ମରିବାକୁ ଦେବା ନାହିଁ'- ଏପରି ଏକ ସନ୍ଦେଶ ସମ୍ବଳିତ ଗପ କହି ଶ୍ରୀ ଖାନ୍ନା ପିଲାମାନଙ୍କୁ ପ୍ରଭାବିତ କରିଥିଲେ । ଭୁବନେଶ୍ୱରସ୍ଥିତ ବକୁଳ ଫାଉଣ୍ଡେସନ୍‌ର ସଂପାଦକ ସୁଜିତ ମହାପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ତାପସ କୁମାର ସାହା
ସୂଚନା ଅଧିକାରୀ